# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 September – 2025**

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ତାରିଖରେ ଓଡ଼ିଶା ଗସ୍ତରେ ଆସି ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାଠାରେ ସେବାପର୍ବ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଲୋକସେବା ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳା ଏବଂ ସଫଳତାର ସହ ଆୟୋଜନ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ସାର ଯୋଗାଣ ସମୀକ୍ଷା

ରାଜ୍ୟରେ ସାର ଯୋଗାଣ ସ୍ଥିତିରେ ଉନ୍ନତି ଘଟିବା ସହ ସବୁ ଜିଲ୍ଲାକୁ ଆବଶ୍ୟକତା ଅନୁସାରେ ସାର ଉପଲବ୍ଧକୁ ସୁନିଶ୍ଚିତ କରାଯାଇ ପାରିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପାଢ଼ୀ କହିଛନ୍ତି ଜିଲ୍ଲା ଗୁଡ଼ିକର ଆବଶ୍ୟକତା ଅନୁସାରେ ସାର ଉପଲବ୍ଧ ହେବା ନେଇ ନିଶ୍ଚିତ କରାଯାଉଛି । ନିୟମିତ ବ୍ୟବଧାନରେ ଜିଲ୍ଲାପାଳମାନେ ତୃଣମୂଳସ୍ତରରେ ସାରର ଆବଶ୍ୟକତା ଅନୁସାରେ ସମୀକ୍ଷା କରୁଛନ୍ତି ।

ଚଳିତମାସ ୧୭ ତାରିଖ ସୁଦ୍ଧା ରାଜ୍ୟକୁ ୧୧ଲକ୍ଷ ୯୮ହଜାର ୫୭୨ ଟନ୍ ସାର୍ ଉପଲବ୍ଧ ହୋଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ବେଆଇନ୍ ସାର କଳାବଜାରୀ ଏବଂ ଚୋରାଚାଲାଣ ବିରୁଦ୍ଧରେ ନିୟମିତ ଚଢ଼ଉ ଜାରି ରହିଛି ।

## ରାଜ୍ୟପାଳ

ଦୟା ଓ ସହାନୁଭୂତିଶୀଳ ମନୋଭାବ ସମାଜ ପରିବର୍ତ୍ତନର ମୂଳମନ୍ତ୍ର ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ରମାଦେବୀ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ୍‌ର ଦ୍ୱାଦଶ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ନିଃସ୍ୱାର୍ଥପର ସେବା ଓ ସାର୍ବଜନୀନ ମୂଲ୍ୟବୋଧକୁ ଗ୍ରହଣ କରିବାକୁ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ ।

## ଗଣଦୌଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ଆସନ୍ତାକାଲି ସକାଳ ୭ଟାରେ ଦେଶର ୭୫ଟି ସହରରେ ୧୦ ଲକ୍ଷ ଯୁବକଙ୍କୁ ନେଇ ନିଶାମୁକ୍ତ ଭାରତର ବାର୍ତ୍ତା ନେଇ ଗଣଦୌଡର ଆୟୋଜନ କରାଯିବ। ଏହିକ୍ରମରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ମହତ ବାର୍ତ୍ତା ନେଇ

ଆୟୋଜନ ହେଉଥିବା ଗଣଦୌଡ଼ରେ ବିପୁଳ ସଂଖ୍ୟକ ଯୁବଗୋଷ୍ଠି ଏବଂ ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

## ସେବା ସପ୍ତାହ

ଦେଶବ୍ୟାପୀ ଚାଲିଥିବା ସେବାପକ୍ଷ ପାଳନ ଅଭିଯାନ ସ୍ୱରୂପ ରାଜ୍ୟର ବିଭିନ୍ନ ସ୍ଥାନରେ ଚାରାରୋପଣ ସହିତ ଅନେକ ସେବାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଖୋର୍ଦ୍ଧା ରେଳମଣ୍ଡଳ ପକ୍ଷରୁ ଗତକାଲି ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନ ଆରମ୍ଭ କରାଯାଇ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଉପରେ ସଚେତନତା ସୃଷ୍ଟି ଏବଂ ସ୍ୱାସ୍ଥ୍ୟଶିବିରର ଆୟୋଜନ କରାଯାଇଛି ।

ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାରାରୋପଣ, ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଉମରକୋଟଠାରେ ଆୟୋଜିତ ରକ୍ତଦାନ ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।

କେନ୍ଦ୍ରାପଡ଼ାର ତିନିମୁହାଣସ୍ଥିତ ସହିଦ ସ୍ତମ୍ଭଠାରେ ସେବାପକ୍ଷ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଜୀବନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଥିଲା ।

## ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶାନିଯୋଗର ବୈଠକ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସକ ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଆସନ୍ତାମାସ ୩ ତାରିଖରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ କାର୍ତ୍ତିକମାସର ନୀତିନିର୍ଘଣ୍ଟ ନେଇ ବୈଠକରେ ଆଲୋଚନା କରାଯିବ। ଏଥିସହ ପଞ୍ଚୁକ ବ୍ରତ ପାଇଁ ମହାପ୍ରଭୁଙ୍କ ବିଭିନ୍ନ ବେଶ ସମ୍ପର୍କରେ ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି।

# ନିପୁଣ ସପ୍ତାହ କାର୍ଯ୍ୟକ୍ରମ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଚାଲିଥିବା ନିପୁଣ ସପ୍ତାହ କାର୍ଯ୍ୟକ୍ରମ ଶେଷ ହୋଇଛି । କାର୍ଯ୍ୟକ୍ରମର ଅଧିବେଶନ କାଳରେ ମା'ମାନଙ୍କ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ଗୁରୁତ୍ୱ ପ୍ରଦାନ କରାଯାଇଥିଲା । କାହାଣୀ କହିବା ଏବଂ ପଠନ ପ୍ରୋତ୍ସାହନ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ପାଠପଢ଼ାରେ କିପରି ସହଯୋଗ ହୋଇପାରିବ ସେ ସମ୍ପର୍କରେ ବିଦ୍ୟାଳୟ ଗୁଡ଼ିକରେ ଆଲୋଚନା କରାଯାଇଥିଲା ।

# ତ୍ରୈମାସିକ ବୈଠକ

ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଗ୍ରଣି ବ୍ୟାଙ୍କ ଏବଂ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ପରାମର୍ଶଦାତା କମିଟିର ତ୍ରୈମାସିକ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ଜୁନ୍ ମାସ ସୁଦ୍ଧା ଜିଲ୍ଲାର ୯ଟି ଟ୍ରେନିଂ ସେଣ୍ଟରରେ ୩୦୯ଜଣ ହିତାଧିକାରୀ ତାଲିମ ନେଉଛନ୍ତି ।

## ବେଆଇନ୍ ନିଶା କାରବାର

ବେଆଇନ୍ ନିଶା କାରବାର ବିରୁଦ୍ଧରେ ଚାଲିଥିବା ସ୍ୱତନ୍ତ୍ର ଚଢ଼ଉ ଅଭିଯାନର ଅଷ୍ଟାଦଶ ଦିନରେ ଗତକାଲି ୧କୋଟି ୬୦ ଲକ୍ଷ ଟଙ୍କାର ବେଆଇନ୍ ସାମଗ୍ରୀ ଜବତ କରାଯାଇଛି । ଏହିକ୍ରମରେ ମୋଟ୍ ୨୫୪ଟି ମାମଲା ରୁଜୁ ହେବା ସହିତ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ୧୫୩ଜଣଙ୍କୁ ଗିରଫ କରାଯାଇଥିବା ନେଇ ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି ।

## ସ୍ୱତନ୍ତ୍ର ଶିବିର ଆୟୋଜନ

ମାଲକାନଗିରି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟର ମିଳିତ ସହଯୋଗରେ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁଣିଥରେ ସ୍କୁଲକୁ ଫେରାଇ ଆଣିବା ନେଇ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା । ଗତକାଲି ଶିବିରରେ ୬୦ଜଣ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ପୁଣିଥରେ ବିଦ୍ୟାଳୟ ପରିସରକୁ ଅଣାଯାଇ ନାମ ଲେଖାଯାଇଥିଲା ।